# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 December - 2024

*******************************

## ମୁଖ୍ୟ ସମ୍ବାଦ

- ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କୁ ଶେଷ ଦର୍ଶନ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ।
- ମନମୋହନ ସିଂହଙ୍କ ଦେହାନ୍ତ ଦେଶପାଇଁ ଏକ ଅପୂରଣୀୟ କ୍ଷତି - କହିଲେ ରାଷ୍ଟ୍ରପତି ।
- ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଏକବର୍ଷ ବୃଦ୍ଧି କଲେ ରାଜ୍ୟ ସରକାର ।

ଏବଂ

- ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମଠାରେ ଆସନ୍ତାକାଲିଠାରୁ ଖେଳାଯିବ ହକି ଇଣ୍ଡିଆ ଲିଗ୍‌ର ପ୍ରଥମପର୍ଯ୍ୟାୟ ମ୍ୟାଚ୍ ।

# ମନମୋହନ ସିଂହଙ୍କ ପରଲୋକ

ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର ମନମୋହନ ସିଂହଙ୍କୁ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ରାଷ୍ଟ୍ରପତି

ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ସାଂସଦ ରାହୁଲ ଗାନ୍ଧୀଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ମନମୋହନ ସିଂହଙ୍କ ଦେହାନ୍ତ ଦେଶପାଇଁ ଏକ ଅପୂରଣୀୟ କ୍ଷତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ପ୍ରଧାନମନ୍ତ୍ରୀ ଭାବେ ଦେଶର ଗରିବ ଓ ସାଧାରଣ ଲୋକମାନଙ୍କର ଉତ୍‌ଥାନ ପାଇଁ ସ୍ୱର୍ଗତ ମନମୋହନ ସିଂହ ଅନେକ କାର୍ଯ୍ୟ କରିଥିଲେ ।

**- V/O -**

ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି ସ୍ୱର୍ଗତ ମନମୋହନ ସିଂହ ଜଣେ ଅତ୍ୟନ୍ତ ନମ୍ର ଓ ଭାରତୀୟ ଅର୍ଥନୀତିର ଦିଗ୍‌ଦର୍ଶକ ଥିଲେ ।

**- V/O -**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଅର୍ଥନୀତି କ୍ଷେତ୍ରରେ ଡକ୍ଟର ମନମୋହନ ସିଂହଙ୍କର ଜ୍ଞାନ ଓ ଦକ୍ଷତା ପାଇଁ ପୃଥିବୀରେ ସମ୍ମାନର ଅଧିକାରୀ ହୋଇପାରିଥିଲେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ସ୍ୱର୍ଗତ ମନମୋହନ ସିଂହ ଜଣେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଦକ୍ଷତାର ସହିତ ଦେଶ ସେବା କରିଥିଲେ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ସାମାଜିକ ଗଣମାଧ୍ୟମରେ କହିଛନ୍ତି ।

ଡକ୍ଟର ମନମୋହନ ସିଂହ ୧୯୯୧ ମସିହାରୁ ୧୯୯୬ ମସିହା ପର୍ଯ୍ୟନ୍ତ କେନ୍ଦ୍ର ସରକାରରେ ଅର୍ଥମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ । ମୁଦ୍ରାସ୍ଫୀତି ଓ ବାଣିଜ୍ୟକ ନିଅଣ୍ଟକୁ ନିୟନ୍ତ୍ରଣ କରିବାରେ ତାଙ୍କର ଅବଦାନ ପ୍ରଶଂସନୀୟ ଥିଲା । ତାଙ୍କର ପ୍ରଧାନମନ୍ତ୍ରୀତ୍ୱ କାଳରେ ଶିକ୍ଷା ଅଧିକାର ଆଇନ୍, ମନରେଗା, ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ, ସୂଚନା ଅଧିକାର ଆଇନ ଭଳି ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା ।

ଖ୍ୟାତିନାମା ରାଜନେତା ରୂପେ ପରିଚିତ ସ୍ୱର୍ଗତ ମନମୋହନ ସିଂହ ୨୦୦୪ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ୨୦୧୯ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ଡକ୍ଟର ସିଂହ ଷଷ୍ଠଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ଦୀର୍ଘ ୩୩ ବର୍ଷ କାର୍ଯ୍ୟ କରିବା ପରେ ସେ ଚଳିତ ବର୍ଷ ଏପ୍ରିଲ୍‌ରେ ରାଜ୍ୟସଭାରୁ ଅବସର ନେଇଥିଲେ । ୧୯୩୨ ମସିହା ସେପ୍ଟେମ୍ବର ୨୬ ତାରିଖରେ ଅବିଭକ୍ତ ଭାରତର ପଞ୍ଜାବ ପ୍ରଦେଶର ଏକ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସିଂହ  ଭାରତର ତ୍ରୟୋଦଶ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ୧୯୮୭ ମସିହାରେ ଡକ୍ଟର ସିଂଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ **ପଦ୍ମ ବିଭୂଷଣ** ପ୍ରଦାନ କରାଯାଇଥିଲା । ତାଙ୍କ କାର୍ଯ୍ୟ ଓ  ଆର୍ଥିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ ।

ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ଗତକାଲି ରାତିରେ ୯୨ ବର୍ଷରେ ନୂଆଦିଲ୍ଲୀରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଆଜିଠାରୁ

ଆସନ୍ତା ୭ ଦିନ ପାଇଁ ମନମୋହନ ସିଂହଙ୍କ ପରଲୋକରେ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି ।

କଂଗ୍ରେସ ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପାର୍ଥିବ ଶରୀରକୁ ଆସନ୍ତାକାଲି ନୂଆଦିଲ୍ଲୀ କଂଗ୍ରେସ କାର୍ଯ୍ୟାଳୟକୁ ନିଆଯିବ । ସେଠାରେ ସାଧାରଣ ଲୋକେ ତାଙ୍କୁ ଶେଷ ଦର୍ଶନ କରିବେ । ଆସନ୍ତାକାଲି ଡକ୍ଟର ସିଂଙ୍କର ଶେଷକୃତ୍ୟ ସଂପନ୍ନ ହେବ ବୋଲି ଜଣାପଡ଼ିଛି

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ  ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୭ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ସେହିଦିନ ରାତି ୮ଟାରେ ପ୍ରସାରଣ କରାଯିବ।

## ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ବୃଦ୍ଧି

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ରାଜ୍ୟ ସରକାର ଆଉ ଏକବର୍ଷ ବୃଦ୍ଧି କରିଛନ୍ତି । ଶ୍ରୀ ଆହୁଜା ୨୦୨୫ ମସିହା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ମୁଖ୍ୟ ଶାସନ ସଚିବ ଦାୟିତ୍ୱରେ ରହିବେ । ଶ୍ରୀ ଆହୁଜା ରାଜ୍ୟ ମୁଖ୍ୟ ଶାସନ ସଚିବ ଭାବେ ଜୁନ୍ ମାସ ୩୦ ତାରିଖରେ ଦାୟିତ୍ୱ ନେଇଥିଲେ । ଚଳିତମାସ ୩୧ ତାରିଖରେ ଶ୍ରୀ ଆହୁଜାଙ୍କର କାର୍ଯ୍ୟକାଳ ଶେଷ ହେଉଥିଲା ।

## ଜିରୋ ନାଇଟ୍-କଡ଼ା ନଜର

ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ନୂଆବର୍ଷ ମଧ୍ୟରାତ୍ରୀ ପାଳନ ଉପରେ ବିଭାଗ କଡ଼ା ନଜର ରଖିଛି ।  ନୂଆବର୍ଷ ମଧ୍ୟରାତ୍ରୀ ଉତ୍ସବ ପାଳନ ପାଇଁ କୌଣସି ଅସ୍ଥାୟୀ ଲାଇସେନ୍ସ ଦିଆଯିବ ନାହିଁ । ଜାନୁଆରୀ ମାସ ଶେଷ ତାରିଖ ପର୍ଯ୍ୟନ୍ତ ଅବକାରୀ ବିଭାଗ ତନଖି ବ୍ୟବସ୍ଥାକୁ କଡ଼ାକଡ଼ି କରିବ ଏବଂ ପ୍ରତ୍ୟେକ ଜିଲ୍ଲା ଅବକାରୀ ବିଭାଗର ଅଧିକାରୀ ମାନଙ୍କୁ ଏନେଇ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

## କ୍ଷତିଗ୍ରସ୍ତ ଚାଷୀ-ଆବେଦନ

ଭଦ୍ରକ ଜିଲ୍ଲାରେ ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ବୀମାଭୁକ୍ତ ଚାଷୀ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଆସନ୍ତାକାଲି ସୁଦ୍ଧା କିଶାନ ରକ୍ଷକ ଆପ୍‌ରେ ଆବେଦନ କରିବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି । ପ୍ରାପ୍ତ ଆବେଦନ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କ ସମ୍ବନ୍ଧରେ ବ୍ଲକସ୍ତରୀୟ

ମନିଟରିଂ କମିଟି ଦ୍ୱାରା ସର୍ଭେ କରାଯାଇ ପ୍ରକୃତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି ।

## କାର୍ଯ୍ୟକ୍ରମ ସ୍ଥଗିତ

ଭୁବନେଶ୍ୱର ମହାନଗର ନିଗମର ବୈଠକକୁ ସ୍ଥଗିତ ରଖାଯାଇଛି । ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ କୌଣସି କାର୍ଯ୍ୟକ୍ରମ ହେବ ନାହିଁ । ପ୍ରବାସୀ ଭାରତୀୟ ସମ୍ମିଳନୀ ଉଦ୍ଦେଶ୍ୟରେ ହେବାକୁ ଥିବା ପଥୋତ୍ସବ ଏବଂ ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମକୁ ମଧ୍ୟ ବନ୍ଦ ରଖାଯାଇଛି ବୋଲି ମେୟର ସୁଲୋଚନା ଦାସ କହିଛନ୍ତି । ପରବର୍ତ୍ତୀ ବୈଠକ ୨୦୨୫ ମସିହା ଜାନୁଆରୀ ୧୫ ତାରିଖରେ ଅନୁଷ୍ଠିତ ହେବ । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହଙ୍କ ଶୋକସଭା ପରେ ଆଜି ନିଗମର ଶତବିଂଶ କର୍ପୋରେସନ ବୈଠକ ଅନୁଷ୍ଠିତ ହୋଇଥିଲା ।

## ସଚେତନତା ଶିବିର

ଗଞ୍ଜାମ ଜିଲ୍ଲା ଆସିକା ବନାଞ୍ଚଳ ଘୁମୁସର ଦକ୍ଷିଣ ବନଖଣ୍ଡ ପକ୍ଷରୁ ବନାଗ୍ନି ପ୍ରତିରୋଧ ଓ ନିରାକରଣ ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆସିକା ବିଧାୟକ ସରୋଜ ପାଢ଼ୀଙ୍କ ସମେତ ଡିଏଫ୍ଓ ବିନୋଦ କୁମାର ଆଚାର୍ଯ୍ୟ, ଆସିକା ବନଖଣ୍ଡ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଶିବିରରେ ଯୋଗଦେଇ ଜଙ୍ଗଲରେ ଲାଗୁଥିବା ନିଆଁକୁ କିପରି ପ୍ରତିହତ କରାଯାଇପାରିବ ସେ ସମ୍ପର୍କରେ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତି ସଭ୍ୟଙ୍କ ସହ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଆକାଶବାଣୀ କାର୍ଯ୍ୟକ୍ରମ

୨୦୨୪ ମସିହାର ଶେଷ ଦିନରେ ବର୍ଷତମାମ ଘଟିଥିବା ପ୍ରମୁଖ ଘଟଣାକୁ ନେଇ ଆକାଶକବାଣୀ ସମାଚାର ବିଭାଗ ତରଫରୁ 'ଚର୍ଚ୍ଚାରେ-୨୦୨୪' ପ୍ରସ୍ତୁତ କରାଯାଇଛି । ଏହି ବିଶେଷ କାର୍ଯ୍ୟକ୍ରମ ଆକାଶବାଣୀ କଟକ କେନ୍ଦ୍ରରୁ ଆସନ୍ତା ମଙ୍ଗଳବାର ରାତି ୧୦ଟାରେ ପ୍ରସାରଣ କରାଯିବ ।

## ହକି ଲିଗ୍

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମଠାରେ ଆସନ୍ତାକାଲିଠାରୁ ହକି ଇଣ୍ଡିଆ ଲିଗ୍-୨୦୨୪-୨୫ ଆରମ୍ଭ ହେବାକୁ ଯାଉଛି । ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲିଠାରୁ ଜାନୁଆରୀ ମାସ ୧୮ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ମାସ ୧୯ ତାରିଖଠାରୁ ଖେଳାଯିବ। ଆସନ୍ତାକାଲି ଗୋନାସିକା ଓ ଦିଲ୍ଲୀଏସ୍‌ଜି ପାଇପର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ଜାନୁଆରୀ ମାସ ୩୧ ତାରିଖରେ ସେମିଫାଇନାଲ ମ୍ୟାଚ୍ ଗୁଡ଼ିକ ଆରମ୍ଭ ହେବ। ଫାଇନାଲ ମ୍ୟାଚ୍ ଫେବୃଆରୀ ମାସ ୧ ତାରିଖରେ ଖେଳାଯିବ। ସମୁଦାୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରୁ ୪ଟି ମ୍ୟାଚ୍ ରାଞ୍ଚିରେ ଖେଳାଯିବ ଏବଂ ଅନ୍ୟ ସମସ୍ତ ମ୍ୟାଚ୍ ରାଉରକେଲାରେ ଖେଳାଯିବ। ଅନ୍ୟପକ୍ଷରେ ଗତକାଲି କଳିଙ୍ଗ ଷ୍ଟାଡିୟମ୍‌ଠାରେ ହକି ଇଣ୍ଡିଆ ଲିଗ୍‌ର ଜର୍ସି ଓ ମାସ୍କଟକୁ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉନ୍ମୋଚନ କରିଛନ୍ତି।

## ପାଣିପାଗ

ପଶ୍ଚିମାଝଡ଼ ପ୍ରଭାବରେ ଆସନ୍ତାକାଲିଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ପ୍ରଭାବରେ ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ନୂଆପଡା, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାର କିଛି ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି । ପଶ୍ଚିମ ଓ ଉତ୍ତର ଓଡ଼ିଶାରେ ବର୍ଷା ହେବାର ଆକଳନ କରାଯାଇଛି । ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସକ୍ରିୟ ଥିବା ଲଘୁଚାପ ଦୁର୍ବଳ ହେବାରୁ ପାଗରେ ପରିବର୍ତ୍ତନ ଦେଖାଦେଇଛି ।

## ଆର୍‌ବିଆଇ-ପ୍ରୋଗ୍ରେସ୍ ରିପୋର୍ଟ୍

୨୦୨୩-୨୪ ଆର୍ଥିକ ବର୍ଷରେ କ୍ରମାଗତ ଷଷ୍ଠ ବର୍ଷ ପାଇଁ ବ୍ୟାଙ୍କ୍ ଗୁଡ଼ିକର ଲାଭ ବୃଦ୍ଧି ପାଇଛି । ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ମଧ୍ୟ ଲାଭ ବୃଦ୍ଧି ପାଇଛି ବୋଲି ଆର୍.ବି.ଆଇ. କହିଛି ।

ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ୍ ଗୁଡ଼ିକର ସମ୍ପତ୍ତି ଗୁଣବତ୍ତା ବୃଦ୍ଧି ପାଇବା ସହ ଏନ୍.ପି.ଏ. ଅନୁପାତ ୧୩ ବର୍ଷ ମଧ୍ୟରେ ସର୍ବନିମ୍ନ ରହିଥିଲା । ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଏହା ୨ ଦଶମିକ୍ ୭ ଏବଂ ସେପ୍ଟେମ୍ବର ସୁଦ୍ଧା ୨ ଦଶମିକ୍ ୫ ପ୍ରତିଶତକୁ ହ୍ରାସ ପାଇଥିଲା ।

ଏହା ବ୍ୟତୀତ ୨୦୨୩-୨୪ରେ ତୃତୀୟ ବର୍ଷ ପାଇଁ ସହରାଞ୍ଚଳ ସମବାୟ ବ୍ୟାଙ୍କ୍ ଗୁଡ଼ିକର ଲାଭ ପରିମାଣ ବୃଦ୍ଧି ପାଇଛି । ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ ଗୁଡ଼ିକର ଏନ୍.ପି.ଏ. ଅନୁପାତ ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ୩ ଦଶମିକ୍ ୪ ପ୍ରତିଶତକୁ ହ୍ରାସ ପାଇଛି ।